# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 03rd January – 2026

**************************************

## ମୁଖ୍ୟ ସମ୍ବାଦ

- ଦେଶର ଯୁବପିଢ଼ି ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ସହାୟକ ହେବ; କହିଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।
- ଚିଲିକା ହ୍ରଦର ପୁନରୁଦ୍ଧାରପାଇଁ ପ୍ରସ୍ତୁତ ହେବ ବିସ୍ତୃତ ଯୋଜନା ।
- ଆଜି ଉଦ୍‌ଯାପିତ ହେଉଛି ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ।

ଏବଂ

- ହକି ଇଣ୍ଡିଆ ପକ୍ଷରୁ ଆଜିଠାରୁ ଆରମ୍ଭ ହେଲା ପୁରୁଷ ବର୍ଗ ହକି ଇଣ୍ଡିଆ ଲିଗ୍‌ର ସପ୍ତମ ସଂସ୍କରଣ ।

***Desk***

## ଅଶ୍ୱିନୀ ବୈଷ୍ଣବ

ଦେଶର ଯୁବପିଢ଼ି ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତି ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ସହାୟକ ହେବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଏକ

କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି । ଦେଶ ୪ଜି/୫ଜି ନେଟ୍‌ୱାର୍କ, ସେମିକଣ୍ଡକ୍ଟର ଏବଂ ଟେଲିକମ୍ ସାମଗ୍ରୀ ଉତ୍ପାଦନରେ ସଫଳତା ହାସଲ କରିଛି । ୧୧ ବର୍ଷ ପୂର୍ବରୁ ୯୯ ପ୍ରତିଶତ ମୋବାଇଲ୍ ଫୋନ୍ ବିଦେଶରୁ ଆମଦାନୀ ହେଉଥିଲା । ବର୍ତ୍ତମାନ ଭାରତରେ ୯୯ ପ୍ରତିଶତ ଫୋନ୍ ତିଆରି ହେଉଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Desk***

# ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷା

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୨୫ ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ଓ.ଏ.ଏସ୍., ଓ.ଆର୍.ଏସ୍. ଆଦି କେତେକ କ୍ୟାଡର୍‌ରେ ପଦବୀ ନ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ହସ୍ତକ୍ଷେପ କରିଛନ୍ତି । ଶ୍ରୀ ମାଝୀ ଏହି ସମସ୍ତ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ଲୋକସେବା ଆୟୋଗକୁ ପରାମର୍ଶ ଦେଇଛନ୍ତି ।

ନିକଟରେ ଆୟୋଗ ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ଓ.ଏ.ଏସ୍., ଓ.ଆର୍.ଏସ୍. ଆଦି କେତେକ କ୍ୟାଡରପାଇଁ ଆଦୌ ପଦବୀ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ

ଗୁରୁତ୍ୱ ଦେବା ସହ ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ କରିସାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

## ଚିଲିକା ବିକାଶ

ଚିଲିକା ହ୍ରଦର ସାମଗ୍ରିକ ବିକାଶ ଓ ଜୈବ ବିବିଧତା ସମ୍ପର୍କରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଚେନ୍ନାଇ ଆଇ.ଆଇ.ଟି.ର ବରିଷ୍ଠ ଅଧିକାରୀଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି, ଏସିଆ ମହାଦେଶର ସର୍ବବୃହତ୍ କ୍ଷାରୀୟ ହ୍ରଦ ଚିଲିକାର ମୁହାଣ ପୋତିହେବା କାରଣରୁ ହ୍ରଦ ଜଳର କ୍ଷାରୀୟତା ନଷ୍ଟ ହେବା ସହ ଜୈବ ବିବିଧତା ସନ୍ତୁଳନ ରହିପାରୁ ନାହିଁ । ବୈଠକରେ ଚିଲିକାର ଅବରୋଧ ମୁହାଣ ଖନନ, ପଙ୍କୋଦ୍ଧାର ସହ ଜଳଧାରଣ କ୍ଷମତା ବୃଦ୍ଧି, ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଏବଂ ହ୍ରଦ ଉପରେ ନିର୍ଭରକରି ଜୀବିକା ନିର୍ବାହ କରୁଥିବା ଅଧିବାସୀଙ୍କ ସ୍ୱାର୍ଥରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ଖୁବ୍‌ଶୀଘ୍ର ଚିଲିକା ହ୍ରଦର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବା ସହ ସବିଶେଷ ବୈଜ୍ଞାନିକ ତଥ୍ୟ ସଂଗ୍ରହ କରାଯାଇ ବିସ୍ତୃତ ଯୋଜନା ରିପୋର୍ଟ - ଡି.ପି.ଆର୍.

ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

***Voice :.....***

**BBSR/R**

# ମହାନଗର ନିଗମ

ରାଜ୍ୟର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦରଭାବେ ଗଢ଼ି ତୋଳିବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର  କହିଛନ୍ତି, ୪ଟି ନୂଆ ଏନ୍.ଏ.ସି.କୁ ମିଶାଇ ମୋଟ୍ ୨୮ଟି ଏନ୍.ଏ.ସି.କୁ ମାନ୍ୟତା ଦିଆଯାଇଛି । ସମସ୍ତ ଏନ୍.ଏ.ସି.ରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ବିଭାଗ ପକ୍ଷରୁ ୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ପ୍ରତି ଏନ୍.ଏ.ସି.ରେ ପରିମଳ, ଆଲୋକୀକରଣ, ସଫେଇ କାର୍ଯ୍ୟପାଇଁ ଦେଢ଼କୋଟି ଟଙ୍କା ଲେଖାଏଁ ଅର୍ଥରାଶି ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ବୌଦ୍ଧଗଡ଼, ଆସ୍କା, ଭଞ୍ଜନଗର, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ଓ କରଞ୍ଜିଆ ଆଦି ୭ଟି ଅଞ୍ଚଳକୁ ନୂତନ ପୌରପାଳିକା ଭାବେ ଘୋଷଣା କରାଯାଇଛି । ଭୁବନେଶ୍ୱର ମହାନଗର ନିଗମରେ ୨୬ଟି, ବ୍ରହ୍ମପୁର ମହାନଗର ନିଗମରେ ୩୪ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବାର ବ୍ୟବସ୍ଥା ରହିଛି । ସହରକୁ ସବୁଜ ସୁନ୍ଦର ଓ

ନାଗରିକକୈନ୍ଦ୍ରିକ କରିବପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଏଥିସହ ପୁରୀକୁ ଷଷ୍ଠ ମହାନଗର ନିଗମ ଭାବେ ଘୋଷଣା କରାଯିବା ସହ ପୁରୀ ଟାଉନ୍ ପ୍ଲାନିଂ ସ୍କିମ୍‌କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି । ପୁରୀ-କଟକ-ପାରାଦ୍ୱୀପକୁ ବୃହତ୍ ଅର୍ଥନୈତିକ ଅଞ୍ଚଳରେ ପରିଣତ କରାବାପାଇଁ ପରିକଳ୍ପନା କରାଯାଇଛି ବୋଲି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ।

***Baragarh/R***

# ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ-୨୦୨୬ ଆଜି କଂସବଧ ସହ ସନ୍ଧ୍ୟାରେ ଉଦ୍‌ଯାପିତ ହେଉଛି । ୧୧ ଦିନ ଧରି ଚାଲିଥିବା ଏହି ଯାତ୍ରାର ଅନ୍ତିମ ଦିନରେ କୃଷ୍ଣ-ବଳରାମଙ୍କ ମଥୁରା ଭ୍ରମଣ, ଗୋବିନ୍ଦପାଲି ବିବେକାନନ୍ଦ ଛକଠାରେ କୃଷ୍ଣ-ବଳରାମଙ୍କୁ ସ୍ୱାଗତ ଉତ୍ସବ, କୁବଳୟା ହସ୍ତୀ ବଧ, ଚାଣୁର ଓ ମୁଷ୍ଟିକ ଆଦି ଅଷ୍ଟମଲ୍ଲ ନିଧନ, ଶିବଧନୁ ଭଙ୍ଗ, ଉଗ୍ରସେନଙ୍କ ରାଜ୍ୟାଭିଷେକ, ଦେବକୀ-ବସୁଦେବଙ୍କୁ କାରାଗାରରୁ ମୁକ୍ତି ଦୃଶ୍ୟ ଆଦି ଅଭିନୀତ ହେଉଛି । ଏ ସମ୍ପର୍କରେ ବରଗଡ଼ରୁ ଆମ ସମ୍ବାଦଦାତାଙ୍କ ରିପୋର୍ଟ :

***Voice (Baragarh PTC)*** :........

*Puri, Nayhagarh, Sonepur, Nuapada/R*

# ରାଜରାଜେଶ୍ୱର ବେଶ

ପୁରୀ ଶ୍ରୀମନ୍ଦିରରେ ପୌଷ ପୂର୍ଣ୍ଣିମା ଅବସରରେ ଆଜି ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ହୋଇଯାଇଛି। ସକାଳଧୂପ ନୀତି ଶେଷ ହେବା ପରେ ସ୍ୱର୍ଣ୍ଣ ଓ ରତ୍ନ ଖଚିତ ଅଳଙ୍କାରରେ ମହାପ୍ରଭୁ ଭୂଷିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ରାଜରାଜେଶ୍ୱର ବା ସୁନାବେଶରେ ଦର୍ଶନ ଦେଉଛନ୍ତି ।

ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବଙ୍କର ଆଜି ସୁନାବେଶ ଅନୁଷ୍ଠିତ ହୋଇଛି । ଶ୍ରୀଜିଉଙ୍କ ପହଡ଼ଭଙ୍ଗ ଓ ମଙ୍ଗଳାଳତି ପରେ ମଇଲମ ଓ ତଡ଼ପଲାଗି ନୀତି କରାଯାଇଥିଲା । ପରେ ଶ୍ରୀଜିଉଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା ।

ପଶ୍ଚିମ ଓଡ଼ିଶାର ପ୍ରମୁଖ କୃଷିପର୍ବ ପୁଷ୍‌ପୁନି ଆଜି ସୁବର୍ଣ୍ଣପୁର ଜିଲ୍ଲାରେ ପାଳିତ ହୋଇଯାଇଛି । ଘରେ ଘରେ ଲୋକେ ବିଭିନ୍ନ ପ୍ରକାରକ ପିଠାପଣା ସହ ନାନାଦି ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରିଛନ୍ତି । ଲୋକକଳାକାର ଓ ଶିଶୁଙ୍କଦ୍ୱାରା ଗାଁ ଦାଣ୍ଡରେ ପାରମ୍ପରିକ ଛେର୍‌ଛେରା ମଗା ଦୃଶ୍ୟ ଦେଖିବାକୁ ମିଳିଥିଲା ।

ଏହି ଉପଲକ୍ଷେ ନୂଆପଡ଼ା ଜିଲ୍ଲାର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସରେ ପୁଷ୍‌ପୁନି ପର୍ବ ପାଳିତ ହୋଇଯାଇଛି । ଏହିଦିନ ଛୋଟପିଲା ଦଉଡ଼ି ବାନ୍ଧି ଲୋକମାନଙ୍କଠାରୁ ଅର୍ଥ ଆଦାୟ କରି ବଣଭୋଜି କରିଥା'ନ୍ତି ।

***Puri/R***

# ମହୋଦଧି

ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ତଟରେ ପୌଷ ପୂର୍ଣ୍ଣିମା ଅବସରରେ ଶ୍ରୀଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠର ଆନୁକୂଲ୍ୟରେ ନିତ୍ୟ ଆୟୋଜିତ ମହୋଦଧି ଆଳତୀର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ଗଜପତି ମହାରାଜ ଦିବ୍ୟସିଂହ ଦେବ, ଗୋବର୍ଦ୍ଧନ ମଠ ପୀଠାଧୀଶ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ବହୁ ସାଧୁସନ୍ଥ, ସେବାୟତ ଓ ମଠମହନ୍ତ ଯୋଗଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ପ୍ରଭାତୀ ପରିଡ଼ା - ଭିତରକନିକା

କେନ୍ଦ୍ରାପଡ଼ା ଜିଲ୍ଲା ପେଣ୍ଠବେଳାଭୂମିଠାରେ ଥିବା ଭିତରକନିକା ଇକୋ ରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ପରିଡ଼ା କହିଛନ୍ତି, ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ପରିବେଶଭିତ୍ତିକ ପ୍ରୟାସ ବାସ୍ତବିକ୍ ପ୍ରଶଂସନୀୟ । ପ୍ରକୃତି କୋଳରେ ଆକର୍ଷଣୀୟ ପରିବେଶ ମଧ୍ୟରେ ସେଠାରେ ବିଳାସପୂର୍ଣ୍ଣ ରହଣିର ବ୍ୟବସ୍ଥା କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟର ସୁରକ୍ଷା ପ୍ରାଚୀର ସାଜିଥିବା ହେନ୍ତାଳବନ ସହ ବହୁସଂଖ୍ୟାରେ କୁମ୍ଭୀର ଏବଂ ବିଭିନ୍ନ ପ୍ରଜାତିର

ବିଦେଶାଗତ ପକ୍ଷୀଙ୍କ ପାଇଁ ଏହି ସ୍ଥାନ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ଅବସରରେ ପର୍ଯ୍ୟଟନ ସ୍ଥଳୀର ବିକାଶପାଇଁ ଜାରି ରହିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିବା ସହ ଏହାର ଅଗ୍ରଗତି ସମ୍ବନ୍ଧରେ ଅଧିକାରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି ।

***Desk***

# ଇ.ସି. - ଇସିଆଇ ନେଟ୍

ନିର୍ବାଚନ ଆୟୋଗ ସମସ୍ତ ନାଗରିକଙ୍କୁ **ECINet** ଆପ୍ ଡାଉନଲୋଡ୍ କରିବା ଲାଗି ଏବଂ ଏହି ଆପରେ 'ନିଜର ମତାମତ ଦେବାକୁ ଆମନ୍ତ୍ରଣ କରିଛନ୍ତି। ଚଳିତ ମାସର ୧୦ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ମତାମତ ଏହି ଟ୍ୟାବ୍ ମାଧ୍ୟମରେ ଦେଇପାରିବେ। **ECINet** ଆପ୍ ହେଉଛି ନାଗରିକମାନଙ୍କ ପାଇଁ ଏକ ଏକକ, ଏକୀକୃତ ଆପ୍ ଯାହା ନିର୍ବାଚନ ସମ୍ବନ୍ଧୀୟ ପୂର୍ବବର୍ତ୍ତୀ ୪୦ଟି ପୃଥକ ଆପ୍ଲିକେସନ୍, ଯେପରିକି ଭୋଟର ହେଲ୍ପଲାଇନ୍ ଆପ୍, ସି.ଭିଜିଲ୍, ସକ୍ଷମ, ପୋଲିଂ ଟ୍ରେଣ୍ଡ୍ସ ଏବଂ ନୋ ୟୋର କ୍ୟାଣ୍ଡିଡେଟ୍ ଆପ୍‌କୁ ଗୋଟିଏ ଇଣ୍ଟରଫେସରେ ଏକୀକୃତ କରିଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ **ECINet** ହେଉଛି ଏକ ପ୍ରମୁଖ ପଦକ୍ଷେପ। ଗତ ବର୍ଷ ମେ' ମାସରେ ଏହି ଆପ୍ ସମ୍ପର୍କରେ ଘୋଷଣା କରାଯିବା ପରେ **ECINet** ଆପର ବିକାଶ ଉପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। **ECINet**

ଆପ୍‌ର ପରୀକ୍ଷଣ ସଂସ୍କରଣରେ ମତଦାନ ଶେଷ ହେବାର ୭୨ ଘଣ୍ଟା ମଧ୍ୟରେ ଉନ୍ନତ ଭୋଟର ସେବା, ମତଦାନ ପ୍ରତିଶତ ଧାରାର ତ୍ୱରିତ ଉପଲବ୍ଧତା ଏବଂ ସୂଚକାଙ୍କ କାର୍ଡ ପ୍ରକାଶନ କରିବାରେ ସକ୍ଷମ ହୋଇଥାଏ ।

***Desk***

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ପକ୍ଷରୁ ଆଜିଠାରୁ ପୁରୁଷବର୍ଗ  ହକି ଇଣ୍ଡିଆ ଲିଗ୍‌ର ସପ୍ତମ ସଂସ୍କରଣ ଆରମ୍ଭ ହୋଇଛି । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱର, ରାଞ୍ଚି ଓ ଚେନ୍ନାଇରେ ଅନୁଷ୍ଠିତ ହେବ । ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚଳିତ ମାସ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ମ୍ୟାଚ୍ ଖେଳାଯିବ । ଚଳିତ ବର୍ଷ କଳିଙ୍ଗ ଲାନ୍‌ସର ସମେତ ୮ଟି ଦଳ ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ଆସନ୍ତାକାଲି ଚେନ୍ନାଇରେ କଳିଙ୍ଗ ଲାନ୍‌ସର ଓ ରାଞ୍ଚି ରୟାଲ୍‌ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

******